## ସଂକ୍ଷେପରେ

### ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକଙ୍କ ସହ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଆଲୋଚନା

ବ୍ରହ୍ମପୁର ଅଫିସ୍,୯।୫: ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡିକ ବହୁ ଘାତପ୍ରତିଘାତ ଦେଇ ଗତି କରୁଛନ୍ତି। ଏ କ୍ଷେତ୍ରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉକ୍ତ ସମ୍ବାଦପତ୍ରଗୁଡ଼ିକୁ ଅଧିକ ବିଜ୍ଞାପନ ପ୍ରଦାନ କରି ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ସୂଚନା ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସହ ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ରବି ରଥ ଆଲୋଚନା କରିଛନ୍ତି। ଏଥିସହ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବାକୁ ମଧ ଆଲୋଚନା କରିଥିଲେ। ଏହି ଅବସରରେ ମହାସଂଘ ଉପସଭାପତି ରମାକାନ୍ତ ପରିଜା, ଭଜରାମ ମହାପାତ୍ର ଓ ପ୍ରଦୀପ୍ତ ପରିଡା ଉପସ୍ଥିତ ଥିଲେ।

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୯।୫(ଡି.ଏନ.ଏ): ଦିଗପହଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଶିବଶକ୍ତି ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ପାନ ଓ ରାସନ ଦୋକାନରେ ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଦୋକାନ ମାଲିକଙ୍କ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ବେଳେ ଦୁର୍ବୃତ୍ତ ଜଣକ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନାଇଡୁ ପଲ୍ଲୀ ଗ୍ରାମର ଏନ.ନରସିଂହ ବୋଲି ଜଣାପଡିଛି। ଦୋକାନ ମାଲିକ ଶିବଶକ୍ତି ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

# ୩ ବର୍ଷରେ ସରିବ ବିଜୁ ଏକ୍ସପ୍ରେସ୍ ୱେ



ମୋହନାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଲୋକଙ୍କ ଅଭାବ ଅସୁବିଧା ବୁଝିବା ପରେ ଦାବିପତ୍ର ଗ୍ରହଣ କରୁଛନ୍ତି ।

- ୫-ଟି ସଚିବଙ୍କ ଗଜପତି ଗସ୍ତ
- ଲୋକଙ୍କ ଅଭାବ ଅସୁବିଧା ପଚାରି ବୁଝିଲେ

ଆର.ଉଦୟଗିରି/ପାରଳାଖେମୁଣ୍ଡି, ୯।୫ (ଡି.ଏନ୍.ଏ.)

୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଦୁଇ ଦିନିଆ ଗଜପତି ଜିଲା ଗସ୍ତ କରିଛନ୍ତି। ଅପରାହ୍ନ ୫ଟାରେ ମୋହନା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଜିଲାପାଳ ଲିଙ୍ଗରାଜ ପଣ୍ଡା ଏବଂ ଏସ୍‌ପି ଏସ୍. ସ୍ୱାତୀ କୁମାର ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଲୋକମାନଙ୍କ ସହ ମିଶି ସେମାନଙ୍କ ଅଭାବ ଅସୁବିଧା ପଚାରି ବୁଝିବା ସହିତ ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଜୁ ଏକ୍ସପ୍ରେସ ୱେର ନିର୍ମାଣ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ୩୦୫ କିଲୋମିଟର ଦୀର୍ଘ ଏହି ରାସ୍ତା ବ୍ରହ୍ମପୁର ସହରକୁ ଜୟପୁର ସହ ଯୋଡିବ ଏବଂ ଏହି ପ୍ରକଳ୍ପର ପାଇଁ ପ୍ରାୟ ୭୦୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ସମ୍ପୂର୍ଣ୍ଣ ଭାବେ ଏକ ନୂଆ ପ୍ରକଳ୍ପ (ଗ୍ରୀନ୍ ଫିଲ୍ଡ ପ୍ରୋଜେକ୍ଟ)। ଏହା ଗଞ୍ଜାମ, ଗଜପତି, ରାୟଗଡା ଓ କୋରାପୁଟ ଜିଲାର ୧୫ ବ୍ଲକ ଦେଇ ନିର୍ମିତ ହେବ। ଗଞ୍ଜାମରେ ୪୩ କି.ମି., ଗଜପତିରେ ୪୭ କି.ମି., ରାୟଗଡାରେ ୧୫୮ କି.ମି. ଓ କୋରାପୁଟରେ ୫୭ କି.ମି. ରାସ୍ତା ତିଆରି କରାଯିବ। ଏହା ଦ୍ୱାରା ବ୍ରହ୍ମପୁରରୁ ଜୟପୁରକୁ ଗସ୍ତ ସମୟ ୮ ଘଣ୍ଟାରୁ ୫ ଘଣ୍ଟାକୁ କମିଯିବ। ବ୍ରହ୍ମପୁରରୁ ମୋହନା ମାତ୍ର ୪୫ ମିନିଟ ଲାଗିବ ଏବଂ ରାୟଗଡାରୁ ମୋହନା ମାତ୍ର ଦେଢ ଘଣ୍ଟା ଲାଗିବ, ଯାହାକି ବର୍ତ୍ତମାନ ପ୍ରାୟ ୪ ଘଣ୍ଟା ଲାଗୁଛି। ଏହି ସଡକରେ ପ୍ରଥମ ଥର ପାଇଁ ପାହାଡ଼ ଖୋଳାଯାଇ ରାସ୍ତା ନିର୍ମାଣ କରାଯିବ, ଯାହାଦ୍ୱାରା ସଡ଼କର ଦୈର୍ଘ୍ୟ ପ୍ରାୟ ୨୫ ରୁ ୩୦ କି.ମି. କମିଯିବ ଏବଂ ଯିବାଆସିବା ସମୟ ମଧ ୨ ଘଣ୍ଟା କମ ରହିବ । ଏହାଦ୍ୱାରା ଦକ୍ଷିଣ ଓଡ଼ିଶାରେ ଏକ ନୂଆ ଇକୋନୋମିକ କରିଡର ସୃଷ୍ଟି ହୋଇପାରିବ। ଏହି କାମ ୩ ବର୍ଷ ମଧ୍ୟରେ ଶେଷ ହେବ ବୋଲି ୫-ଟି ସଚିବ ପାଣ୍ଡିଆନ ସୂଚନା ଦେଇଛନ୍ତି। ପରେ ସେଠାରୁ ୫-ଟି ସଚିବ ପାଣ୍ଡିଆନ ଜିରାଙ୍ଗ ଗସ୍ତ କରି ବୌଦ୍ଧ ମନ୍ଦିର ପରିସରରେ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ଭେଟିବା ସହିତ ଜିଲାର ୧୯ଟି କଲେଜର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଡିସେମ୍ବର ସୁଦ୍ଧା ସମସ୍ତ କଲେଜଗୁଡିକୁ ଆଧୁନିକୀକରଣ କରିବା ସହ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ପିଲାମାନଙ୍କ ପାଇଁ ଖେଳ ଉପକରଣ ଓ ଖେଳପଡିଆ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ସମୟରେ ଗ୍ରାମ୍ୟ ଉନ୍ନୟନ କମିଶନର ବୀର ବିକ୍ରମ ଯାଦବ ଏବଂ କ୍ରୀଡ଼ା ଯୁବ ବ୍ୟାପାର ସଚିବ ଆର. ଭିନିଲ କ୍ରିଷ୍ଣା, ଜିଲା ଉନ୍ନୟନ ଅଧିକାରୀ ରୋମାଞ୍ଚଲ ଖମାରି, ବିଡିଓ ତପସ୍ୱିନୀ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ବିବେକ



@ ପୁଷ୍ପା



@ ଲକ୍ଷ୍ମୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଟକ 'ସେହି ଚାରି ଦିନ' ମଞ୍ଚସ୍ଥ





ନାଟକ ସେହି ଚାରିଦିନର ଏକ ଦୃଶ୍ୟ।

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

ବ୍ରହ୍ମପୁର ଅଫିସ,୯।୫

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୧୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ୨ୟ ଶିଶୁ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା ମଙ୍ଗଳବାରରେ 'ସେହି ଚାରି ଦିନ' ମଞ୍ଚସ୍ଥ ହୋଇଛି। ସମ୍ପର୍କର ସୂତା ଖିଅ ଯେତିକି ଟାଣିବ ସେତିକି ମଜଭୂତ ହୋଇ ଆଗକୁ ଯିବ। ଆଉ ଟିକିଏ ଭୁଲ ବୁଝାମଣାରୁ ଭାଙ୍ଗିଯାଏ ଦୀର୍ଘ ଦିନର ସମ୍ପର୍କ। ଏଭଳି ନିବିଡ ହେଉଛି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପବିତ୍ର ସମ୍ପର୍କ। ଏହି ଡୋରିରେ ଅନ୍ୟମାନେ ବାନ୍ଧି ହୋଇଥାନ୍ତି। ସମ୍ପର୍କର ମୂଳ ଦୁଆ ଭରସା ଓ ବିଶ୍ୱାସ ଉପରେ ବଞ୍ଚି ରହିଥାଏ। କିନ୍ତୁ ଆଜିର ସମାଜରେ ଲୋକଙ୍କ ଉଗ୍ର ମାନସିକତା, ପରିବର୍ତ୍ତିତ ଜୀବନଶୈଳୀ, ଅପ ସଂସ୍କୃତି ଓ ଭୁଲ ବୁଝାମଣା ପାଇଁ ସମ୍ପର୍କରେ ସୃଷ୍ଟି ହୋଇଥାଏ ଝଡ। ସମ୍ପର୍କର ସେତୁ ବନ୍ଧ ଉପରେ ସନ୍ଦେହର କଳା ବାଦଲ ଛାଙ୍କି ହୋଇ କିଭଳି ଭୟଙ୍କର ହୋଇଛି ପରିଣାମ, ସେଭଳି କିଛି ସୁନ୍ଦର ସାମାଜିକ ବାର୍ତ୍ତା ଦେଇ ନାଟକଟି ମଞ୍ଚସ୍ଥ ହୋଇଥିଲା। ସୁନାବେଡା ଉତ୍କଳ ସାଂସ୍କୃତିକ ପରିଷଦ ତରଫରୁ ମଞ୍ଚସ୍ଥ ଉକ୍ତ ନାଟକକୁ ପ୍ରଦୀପ୍ତ ମହାନ୍ତି ରଚନା କରିଥିବା ବେଳେ ମୃଣ୍ମୟ ସରକାର ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତରେ ପ୍ରତାପ ରୁଦ୍ର ବିଶ୍ୱାଳ ଓ ଏମ୍.ଜି. ରାଜୁ ମଞ୍ଚ ସଜା କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଜିତେନ ପୁରୋହିତ, ସୋନମ୍ ପୁରୋହିତ, ଶ୍ରୀୟା, ଅନିକେତ, ଅମରେଶ, ଶଙ୍କର, ଗୋପାଳ, ମୀରା, ରାଘବ ଓ ପ୍ରକାଶ ପ୍ରମୁଖ ଅଭିନୟ କରିଛନ୍ତି। ନାଟକ ପୂର୍ବରୁ ଆୟୋଜିତ ସଭାରେ ମହୋତ୍ସବ କମିଟି ଅଧକ୍ଷ ଡ. ମିହିର ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ଉପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଜାମିନୀକାନ୍ତ ଦାସ ଓ ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ସଭାପତି ବଳରାମ ଦାସ ଯୋଗ ଦେଇଥିଲେ। ସଭାରେ ଉଷାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନଳିନୀ କାନ୍ତ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକ ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ଶଙ୍କର୍ଷଣ ସାବତ ପରିଚାଳନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ରାଜ ଗୋପାଳ ପାଢୀ କଳାକାର ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ଅନୀଲ ପାତ୍ର, ସାଧାରଣ ସମ୍ପାଦକ ସାପା ସିମାଦ୍ରୀ, ମହୋତ୍ସବ କମିଟି ଉପାଧକ୍ଷ ରାମଚନ୍ଦ୍ର ସାସମଲ, ସୁନୀଲ ସ୍ୱାଇଁ, କୈଳାସ ପାଣିଗ୍ରାହୀ ଓ ଆରତୀ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ଶିବା ନିର୍ଦ୍ଦୋଷ

### ଚିକେନ ରବି ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୯।୫

ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ଅଧକ୍ଷ ତଥା ରେଜିଷ୍ଟ୍ରାର ସିଭିଲ ଜଜ୍ ସୁଶାନ୍ତ କୁମାର ମିଶ୍ର ବହୁଚର୍ଚ୍ଚିତ ରବୀନ୍ଦ୍ର କୁମାର ବେହେରା ଓରଫ ଚିକେନ୍ ରବି ହତ୍ୟା ମାମଲାର ମଙ୍ଗଳବାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ଶିବା ବିଶୋୟୀଙ୍କୁ ଜଜ୍ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୯ ଅଭିଯୁକ୍ତଙ୍କ ବିଚାର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଚାଲିଛି।

ପ୍ରକାଶ ଯେ, ଦୁର୍ଦ୍ଧାନ୍ତ ଅପରାଧୀ ଚିକେନ୍ ରବିଙ୍କୁ ହତ୍ୟା କରିବା ପାଇଁ ଲାଞ୍ଜିପଲ୍ଲୀ ଡିପ ସାହିର ଶିବା ବିଶୋୟୀ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ୨୦୧୦ ଜାନୁୟାରୀ ୧ ନୂଆ ବର୍ଷ ମିଠା ଖାଇବାକୁ ଶିବା ତାଙ୍କ ଘରକୁ ଚିକେନ୍ ରବିଙ୍କୁ ଡାକିଥିଲେ। ଫଳରେ ରବି ପୂର୍ବାହ୍ନ ୧୦ଟାରେ ଶିବାଙ୍କ ଘରକୁ ଯାଇଥିଲେ। ସେଠାରେ ଶିବା ଓ ତାଙ୍କ ସହଯୋଗୀମାନେ ଗୁଳିକରି ଚିକେନ୍ ରବିଙ୍କୁ ହତ୍ୟା କରିଥିଲେ। ଏ ନେଇ ବିଏନ୍‌ପୁର ଥାନାରେ ନଂ.୦୧/୧୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ବିଏନ୍‌ପୁର ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ମିଶ୍ର ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିଲେ। ପର୍ଯ୍ୟାୟକ୍ରମେ ଶିବାଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ମିଶ୍ର ସେହି ବର୍ଷ ମେ ୨୦ରେ କୋର୍ଟରେ ଅଭିଯୋଗ ଦାଖଲ କରିଥିଲେ। ମୁଖ୍ୟ ଅଭିଯୁକ୍ତ ନାବାଳକ ବୋଲି ତାଙ୍କ ଓକିଲ ଜିଲା ଅଦାଲତ, ଉଚ୍ଚ ନ୍ୟାୟାଳୟ ଓ ପରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ଆବେଦନକୁ ୨୦୧୭ରେ ମଞ୍ଜୁର କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବଳରେ ୨୦୧୭ରେ ଶିବାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ଫଳରେ ଶିବାଙ୍କର ବିଚାର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଜିଆର ନଂ.୫୭/୧୭ ଅନୁଯାୟୀ ଚାଲିଥିଲା। ପରେ ଶିବାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ଚାଲିଥିବା ବେଳେ ୭ ଜଣଙ୍କ ସାକ୍ଷ୍ୟ କୋର୍ଟ ଗ୍ରହଣ କରିଥିଲେ। ମଙ୍ଗଳବାର ଶିବାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଶିବାଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅଶ୍ୱିନୀ କୁମାର ଆଚାର୍ଯ୍ୟ ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରସନ୍ନ କୁମାର ସେଠୀ ଓ ତାଙ୍କ ସହଯୋଗୀ ପ୍ରଶାନ୍ତ କୁମାର ନାୟକ ମକଦ୍ଦମା ପରିଚାଳନା କରୁଥିଲେ।

### ସାକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୯।୫

ରବୀନ୍ଦ୍ର ବେହେରା ଓରଫ ଚିକେନ୍ ରବି ହତ୍ୟା ମାମଲାର ୧୦ମ ସାକ୍ଷୀ ତଥା ଘଟଣାର ପ୍ରତ୍ୟେକଦର୍ଶୀଙ୍କ ଏଡିଜେ-୩ଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଲାଞ୍ଜିପଲ୍ଲୀ ରେଡିକା ସାହିର କେ.ଲୋକନାଥ ରେଡ୍ଡୀ ମଙ୍ଗଳବାର କୋର୍ଟରେ ହାଜର ହୋଇ ସେ ଯାହା ଦେଖିଥିଲେ ସେ ନେଇ ବୟାନ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ସେ ଜାଣିଥିବା କହିଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ ଓ ୨୫ ଦୁଇ ଦିନ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛି। ସରକାରୀ ଓକିଲ ବିକ୍ରମ କୁଣ୍ଡୁ ଓ ମୁଦାଲାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା କିଶୋର ବିଷୋୟୀ, ଦୀପକ ପଟ୍ଟନାୟକ ଓ ନିର୍ମଳ ସାହୁଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ପୂର୍ବରୁ ଏହି ମାମଲାରେ ୯ ଜଣ ସାକ୍ଷୀଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି।

ପ୍ରକାଶ ଯେ, ୨୦୧୦ ଜାନୁୟାରୀ ୧ରେ ଲାଞ୍ଜିପଲ୍ଲୀ ଡ଼ିପ ସାହିରେ ଚିକେନ୍ ରବିଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରାଯାଇଥିଲା।

### ବ୍ରହ୍ମପୁର ମଣ୍ଡଳ କାରାଗାର

## ମାଓବାଦୀ ନେତା ସବ୍ୟସାଚୀଙ୍କ ସହ ଅନ୍ୟ କଏଦୀଙ୍କ ଝଗଡ଼ା

ବ୍ରହ୍ମପୁର ଅଫିସ,୯।୫-ବ୍ରହ୍ମପୁର ମଣ୍ଡଳ କାରାଗାରରେ କଏଦୀ ଭାବେ ଥିବା ଟପ୍ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଏବଂ ଖଲ୍ଲିକୋଟ ଅଞ୍ଚଳର ଏକ ହତ୍ୟା ମାମଲାରେ ବିଚାରାଧୀନ କଏଦୀ ଥିବା ପ୍ରଦୀପ ପରିଡ଼ାଙ୍କ ମଧ୍ୟରେ ଖାଇବାକୁ ନେଇ ଝଗଡ଼ା ହୋଇଥିଲା। ସବ୍ୟସାଚୀ କୁଆଡ଼େ ପ୍ରଦୀପଙ୍କୁ ଖାଦ୍ୟରେ ବିଷ ଦେଇ ମାରି ଦେବାକୁ ଧମକ ଦେଇଥିବାରୁ ପ୍ରଦୀପ ଗତ ରବିବାରଠାରୁ କୌଣସି ଖାଦ୍ୟ ନ ଖାଇ ଅନଶନ କରିଥିବା ନେଇ ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡିଆ)ରେ ଖବର ଭାଇରାଲ୍ ହୋଇଥିଲା। ଏ ସମ୍ପର୍କରେ ଜେଲର୍ ସତ୍ୟ ନାରାୟଣ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ସେ ଦୁଇ କଏଦୀଙ୍କ ମଧ୍ୟରେ ବଚସା ହୋଇଥିବା କଥା ସ୍ୱୀକାର କରିଥିଲେ। ସୋମବାର ସନ୍ଧ୍ୟାରେ ସବ୍ୟସାଚୀ ଏବଂ ପ୍ରଦୀପଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ତେଣୁ ପ୍ରଦୀପ ରାତ୍ରି ଭୋଜନ କରିବାକୁ ଅମଙ୍ଗ ହୋଇଥିଲେ। ଜେଲର ବେହେରା ଉକ୍ତ ଦୁଇଜଣଙ୍କୁ ଡକାଇ ବୁଝାଶୁଝା କରିବା ପରେ ପ୍ରଦୀପ ରାତିରେ ଭୋଜନ କରିଥିଲେ। ସେହିଭଳି ମଙ୍ଗଳବାର ଦିନବେଳେ ମଧ ସବ୍ୟସାଚୀ ଖାଦ୍ୟ ପରଶିଥିବାରୁ ପ୍ରଦୀପ ଖାଇଥିଲେ। ତଥାପି ଉଭୟଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସବ୍ୟସାଚୀ କାହିଁକି ଖାଦ୍ୟ ପରଶୁଛନ୍ତି ବୋଲି ପଚାରିବାରୁ ଜେଲ୍ ପଞ୍ଚାୟତ କାଉନସିଲରେ ଏବେ ସବ୍ୟସାଚୀ ସଦସ୍ୟ ଅଛନ୍ତି। କଏଦୀଙ୍କ ଖାଦ୍ୟ ପରିଚାଳନା ଦାୟିତ୍ୱରେ ଏବେ ସେ ଅଛନ୍ତି। ତେଣୁ ଖାଦ୍ୟ

# ଜାଲ୍ କାଗଜପତ୍ରରେ ଜମି ବିକ୍ରି

### ୨ ଭାଇ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୯।୫

ଜାଲ୍ କାଗଜପତ୍ରରେ ଜମି ବିକ୍ରି ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ରହୁଥିବା ଦିଲୀପ କୁମାର ମିଶ୍ର (୭୨) ଓ ତାଙ୍କ ସାନଭାଇ ଅଶୋକ କୁମାର ମିଶ୍ର (୬୨)। ମାମଲା ନମ୍ବର ୧୪୮/୨୩ ରେ ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ସିଦ୍ଧାର୍ଥନଗର ତୃତୀୟ ଲାଇନରେ ଶରତ କୁମାର ମିଶ୍ର ଓ ସଲିଲ କୁମାର ମିଶ୍ର ରୁହନ୍ତି। ସଲିଲ ବିଦେଶରେ ଏକ ଘରୋଇ ବ୍ୟାଙ୍କରେ ନିର୍ଦ୍ଦେଶକ ଭାବେ କାମ କରନ୍ତି। ୨୦୧୦-୧୧ରେ ଉକ୍ତ ୨ ଭାଇ ଉପରୋକ୍ତ ଦୁଇ ଅଭିଯୁକ୍ତ ଭାଇଙ୍କଠାରୁ ଗୁରୁଣ୍ଟି ମୌଜାରେ ଥିବା ୬ଟି ପ୍ଲଟ କ୍ରୟ କରିଥିଲେ। କିଛିମାସ ତଳେ ସଲିଲ ଛୁଟିରେ ଘରକୁ ଫେରିଥିଲେ। ପରେ ଦୁଇଭାଇ ଉକ୍ତ ୬ଟି ପ୍ଲଟରେ ପାଚେରି ନିର୍ମାଣ କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ କେତେକ ଲୋକ ତାଙ୍କ ପ୍ଲଟ ବୋଲି ଦାବି କରିଥିଲେ। ପରେ ସେମାନେ କ୍ରୟ କରିଥିବା ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ। ୬ଟି ପ୍ଲଟ ମଧ୍ୟରୁ ୩ଟି ଅନ୍ୟ ଜଣଙ୍କ ନାମରେ ଥିବା ଜଣାପଡିଥିଲା। ଶରତ ଓ ସଲିଲ ଜମି ବିକ୍ରି କରିଥିବା ଦିଲୀପ ଓ ଅଶୋକଙ୍କୁ ଏନେଇ ପଚାରିଥିଲେ। ଶେଷରେ ଦିଲୀପ ଓ ଅଶୋକ ୧୫ଲକ୍ଷ ଟଙ୍କା ଶରତ ଓ ତାଙ୍କ ଭାଇଙ୍କୁ ଫେରାଇ ଦେବି ବୋଲି ଏକ ଚୁକ୍ତିନାମା କରିଥିଲେ। ନିର୍ଦ୍ଧାରିତ ତାରିଖରେ ସେମାନେ ଟଙ୍କା ଫେରାଇ ନ ଥିଲେ। ବାରମ୍ବାର ମାଗିବାରୁ ଉପରୋକ୍ତ ୨ ଅଭିଯୁକ୍ତ ଶରତ ଓ ତାଙ୍କ ଭାଇଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଶେଷରେ ଶରତ ଓ ସଲିଲ ସୋମବାର ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି।



ଗିରଫ ଅଭିଯୁକ୍ତ ।

# ରେଶମ ସହରରେ ପଶ୍ଚିମବଙ୍ଗ ମାଟିପାତ୍ର ଚାହିଦା ଅଧିକ

ବ୍ରହ୍ମପୁର ଅଫିସ,୯।୫

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ରେଶମ ସହରରେ ବର୍ତ୍ତମାନ ମାଟିପାତ୍ର ବିକ୍ରି ବଢିଛି। ଖରାଦିନେ ମାଟିପାତ୍ର କିମ୍ବା ମାଟି ସୁରେଇରେ ଥିବା ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ। ଏହାକୁ ପିଇବା ଦ୍ୱାରା ଶରୀର ପାଇଁ ବେଶ୍ ଲାଭଦାୟକ। ବର୍ତ୍ତମାନ ସହରର ଲାଞ୍ଜିପଲ୍ଲୀ ମୁଖ୍ୟରାସ୍ତା, ନିମଖଣ୍ଡି, ଇଞ୍ଜିନିୟରିଂ ସ୍କୁଲ ଛକ, ଆଇଟିଆଇ ସମ୍ମୁଖ ରାସ୍ତାରେ ମାଟିରେ ପ୍ରସ୍ତୁତ ପାତ୍ର, ସୁରେଇ ଓ ଫିଲଟର ବିକ୍ରି ହେଉଛି। ଏହି ମାଟି ପାତ୍ର ଓ ଫିଲଟର ଚାହିଦା ମଧ ଗ୍ରାହକଙ୍କ ମଧ୍ୟରେ ଦିନକୁ ଦିନ ବୃଦ୍ଧି ପାଉଛି। ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତାରେ ମାଟି ପାତ୍ର ବିକ୍ରି କରୁଥିବା ବ୍ୟବସାୟୀ ପି.ତେଜେଶ୍ୱର ରାଓଙ୍କ କହିବା ମୁତାବକ ମାଟିପାତ୍ର ଓ ସୁରେଇ ଦାମ ଛୋଟ ଓ ବଡ଼ ପ୍ରକାରେ ୫୦ ଟଙ୍କାରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ମାଟିପାତ୍ର, ସୁରେଇ, ଛୋଟ ହାଣ୍ଡିଗୁଡ଼ିକ ଗଞ୍ଜାମ ଜିଲା ଚିକରଡ଼ା, ଚାନ୍ଦପୁର ଓ ଜରଡ଼ା ଅଞ୍ଚଳରୁ ଆମଦାନୀ ହେଉଛି। ଛୋଟ ଫିଲଟରଗୁଡ଼ିକର ଦାମ ୩୦୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଅପେକ୍ଷାକୃତ ବଡ଼ ଥିବା ଫିଲଟରଗୁଡ଼ିକ ୫୦୦ ଓ ୬୦୦ ଟଙ୍କାରେ ବିକ୍ରି ହେଉଛି। ଦିନକୁ ମାଟି ସୁରେଇ ୩ ରୁ ୫ଟି ବିକ୍ରି ହେଉଥିବା ବେଳେ ମାଟି ଫିଲଟରଗୁଡ଼ିକ ୫ରୁ ୬ଟି ବିକ୍ରି ହେଉଛି। ଏହା ଋତୁକାଳୀନ ବ୍ୟବସାୟ। କେବଳ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଲେ ଏହି ମାଟି ପାତ୍ର କିଣିବାକୁ ଗ୍ରାହକ ଅଧିକ ପସନ୍ଦ କରନ୍ତି। ସେହିପରି ସହରରେ ବିକ୍ରି ହେଉଥିବା ମାଟି ଫିଲଟରଗୁଡ଼ିକ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଆମଦାନୀ ହେଉଛି। ଏହି ଫିଲଟରଗୁଡ଼ିକରେ ସୁନ୍ଦର ଆକୃତିର ଡିଜାଇନ ହେବା ଯୋଗୁ ଏହା ଗ୍ରାହକଙ୍କୁ ଅଧିକ ଆକୃଷ୍ଟ କରିପାରୁଛି।



ପଶ୍ଚିମବଙ୍ଗରୁ ଆମଦାନୀ ହେଉଥିବା ମାଟି ଫିଲଟର ଓ ଗଞ୍ଜାମର ମାଟିପାତ୍ର ।

